# NATIONAL NEWS BULLETIN (ODIA)
## 22 April - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ସାଉଦିଆରବ ଗସ୍ତରେ ଯାଇ ଜେଦ୍‌ହା ଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ସର୍ତ୍ତାବଳୀ ଚୂଡ଼ାନ୍ତ ହୋଇସାରିଛି, କହିଲେ ଆମେରିକା ଉପରାଷ୍ଟ୍ରପତି ।
- ଜାମ୍ମୁ କାଶ୍ମୀରର ପେହେଲ୍‌ଗାମ୍ ଅଞ୍ଚଳରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ।

– ଘଟଣାରେ ସଂଶ୍ଲିଷ୍ଟଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଘୋଷଣା ।

- ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ କେନ୍ଦ୍ର ଶସିତ ଅଞ୍ଚଳ ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ସାଉଦିଆରବ ଗସ୍ତରେ ଯାଇ ଆଜି ଜେଦ୍‌ହା ଠାରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ତାଙ୍କୁ ୨୧ ତୋପ ସଲାମି ସହ ସ୍ୱାଗତ କରାଯାଇଥିଲା । ବାୟୁ ସୀମା ଭିତରେ ପ୍ରଧାନମନ୍ତ୍ରୀଙ୍କ ବିମାନ ପ୍ରବେଶ କରିବା ପରେ ରୟାଲ୍ ସାଉଦି ଏୟାର୍ ଫୋର୍ସ୍‌ର ଏଫ୍-୧୫ ଯୁଦ୍ଧ ଜେଟ୍ ବିମାନ ତାଙ୍କୁ ସୁରକ୍ଷା ପ୍ରଦାନ କରି ଜେଦ୍‌ହା ବିମାନ ବନ୍ଦରରେ ପହଞ୍ଚାଇଥିଲେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତାଙ୍କ ଗସ୍ତର ଉଦ୍ଦେଶ୍ୟରେ । ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସାଉଦିଆରବ୍ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ୍ ବିନ୍ ସଲାମାନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ସାଉଦିଆରବ ଗସ୍ତରେ ଯାଇଛନ୍ତି । ସାଉଦି ଆରବକୁ ଶ୍ରୀ ମୋଦୀଙ୍କର ଏହା ହେଉଛି ତୃତୀୟ ଗସ୍ତ । ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ, ଦୁଇ ଦେଶ ମଧ୍ୟରେ ବହୁ ପୁରାତନ

ସମ୍ପର୍କ ରହିଛି । ରଣନୈତିକ ଭାଗିଦାରୀତା ଗତ କିଛି ବର୍ଷ ମଧ୍ୟରେ ଅଧିକ ସୁଦୃଢ଼ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ଏବଂ ମାନବିକ ବନ୍ଧନକୁ ଦୃଢ଼ କରିବାରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଶକ୍ତି, କୃଷି, ସାର, ସବୁଜ ହାଇଡ୍ରୋଜେନ୍ ଏବଂ ଜ୍ଞାନକୌଶଳ ଆଦି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ଆହୁରି ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ୟୁଏସ୍ ଭାଇସ୍ ପ୍ରେଜ୍

ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି, ଶତାବ୍ଦୀର ଭବିଷ୍ୟତ ଭାରତ ଏବଂ ଆମେରିକା ମଧ୍ୟରେ ମିଳିତ ବାଣିଜ୍ୟିକ ସମ୍ପର୍କ ଉପରେ ନିର୍ଭର କରିବ । ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି ନେଇ ସର୍ତାବଳୀ ଚୂଡ଼ାନ୍ତ ହୋଇସାରିଛି । ଜୟପୁର ସ୍ଥିତ ରାଜସ୍ଥାନ ଆନ୍ତର୍ଜାତିକ କେନ୍ଦ୍ର ଠାରେ ଆଜି ବ୍ୟବସାୟିକ ଶିଖର ସମ୍ମିଳନୀକୁ ସମ୍ବୋଧନ କରି ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଏହା କହିଛନ୍ତି । ସେ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶୁଳ୍କ ନୀତିକୁ ସମାଲୋଚନା କରାଯାଉଥିଲେ ମଧ୍ୟ ଏହି ପଦକ୍ଷେପ ମାଧ୍ୟମରେ ସେ ଏକ ସନ୍ତୁଳିତ ବାଣିଜ୍ୟର ବାତାବରଣ ସୃଷ୍ଟି କରିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆମେରିକାର

ନିକଟତମ ଏବଂ ବିଶ୍ୱସ୍ତ ସହଯୋଗୀ ବୋଲି ସେ କହିଛନ୍ତି । ଶକ୍ତି କ୍ଷେତ୍ରରେ ଭାରତ ଏବଂ ଆମେରିକା ମଧ୍ୟରେ ସହଭାଗିତା ବୃଦ୍ଧିର ଯଥେଷ୍ଟ ସମ୍ଭାବନା ରହିଛି । ଭାରତରେ ଗୃହ ନିର୍ମାଣ ଏବଂ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଉଭୟ ଦେଶ ମଧ୍ୟରେ ସହଭାଗିତା ଉପରେ ଶ୍ରୀ ଭାନ୍ସ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଜାମ୍ମୁ କାଶ୍ମୀର-ଟେରୋର୍ ଆଟାକ୍

ଜାମ୍ମୁ କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ପହଲ୍‌ଗାମ୍ ଅଞ୍ଚଳରେ ଆଜି ଅପରାହ୍ଣରେ ଆତଙ୍କବାଦୀଙ୍କ ପକ୍ଷରୁ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରାଯାଇଛି । ଶ୍ରୀନଗର ମୁଖ୍ୟାଳୟ ଠାରୁ ପ୍ରାୟ ୮୫ କିଲୋମିଟର ଦୂର ପହଲଗାମ୍‌ର ବୈସରାନ୍ ଜଙ୍ଗଲ ଅଞ୍ଚଳରେ ଏହି ଆକ୍ରମଣ ହୋଇଥିଲା । ଏଥିରେ କେତେ ଜଣ ପର୍ଯ୍ୟଟକ ଆହତ ହୋଇଥିବା ସୂଚନା ମିଳିଛି । ସେମାନଙ୍କୁ ଜିଲ୍ଲା ମେଡିକାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଆକ୍ରମଣକାରୀଙ୍କୁ ଧରିବା ପାଇଁ ସେହି ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ଘେରାଉ କରାଯିବା ସହ ତଲାସି ଅଭିଯାନ ଚାଲିଛି । ଏହି ଆକ୍ରମଣ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମୀତ ଶାହା ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିନ୍ଦା କରିଛନ୍ତି ।

ଅନ୍ୟ ପକ୍ଷରେ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଘଟଣା ସ୍ଥଳ ପରିଦର୍ଶନ କରିବାକୁ ଶ୍ରୀ ମୋଦୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଉପଯୁକ୍ତ ପଦକ୍ଷେପ ନେବାକୁ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ । ଏହି ଆକ୍ରମଣ ଘଟଣାରେ ସଂଶ୍ଳିଷ୍ଟ ଥିବା ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଘଟଣାର ସ୍ଥିତି ନେଇ ସମ୍ପୃକ୍ତ ଅଧିକାରୀଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ବୈଠକ କରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି । ସେଠାରେ କାର୍ଯ୍ୟରତ ସମସ୍ତ ସୁରକ୍ଷା ସଂସ୍ଥା ସହ ଜରୁରୀ ସମୀକ୍ଷା ବୈଠକ କରିବା ନେଇ ସେ ଖୁବ୍ ଶୀଘ୍ର ଶ୍ରୀନଗର ଗସ୍ତରେ ଯିବେ ବୋଲିଶ୍ରୀ ଶାହା କହିଛନ୍ତି ।

## ୟୁପିଏସ୍‌ସି - ରେଜଲ୍ଟ

ଭାରତୀୟ ପ୍ରଶାସନିକ ସେବା ୨୦୨୪ ପରୀକ୍ଷାର ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି । କେନ୍ଦ୍ରୀୟ ଲୋକସେବା ଆୟୋଗ ପକ୍ଷରୁ ପ୍ରକାଶିତ ଏହି ଫଳାଫଳ ଅନୁଯାୟୀ ୧ହଜାର ୯ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭୨୫ ଜଣ ପୁରୁଷ ଏବଂ ୨୮୪ ଜଣ ମହିଳା ଅନ୍ତର୍ଭୁକ୍ତ । ଶ୍ରେଷ୍ଠ ୨୫ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୧୧ ଜଣ ମହିଳା ଏବଂ

୧୪ ଜଣ ପୁରୁଷ ରହିଥିବା ବେଳେ ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ୩ ଜଣ ମହିଳା ଏବଂ ଦୁଇଜଣ ପୁରୁଷ ଅଛନ୍ତି । ଶକ୍ତି ଦୁବେ ଏହି ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ।

ସୂଚନା ଯୋଗ୍ୟ ସିଭିଲ୍ ସର୍ଭିସ୍-୨୦୨୪ର ଲିଖିତ ପରୀକ୍ଷା ଗତ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ବେଳେ ଜାନୁଆରୀରୁ ଏପ୍ରିଲ୍ ମଧ୍ୟରେ ବ୍ୟକ୍ତିତ୍ୱ ଓ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

## ହିଟ୍ ୱେଭ୍-ଆଡ୍‌ଭାଇଜରି

ସାମ୍ପ୍ରତିକ ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକ ପାଇଁ କେନ୍ଦ୍ର ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି । ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନ୍‌ସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି, ଏ ନେଇ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖା ଯାଇଛି । ଶ୍ରମିକ ଗୋଷ୍ଠୀଙ୍କୁ ଗ୍ରୀଷ୍ମର ପ୍ରକୋପରୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । କାର୍ଯ୍ୟ କ୍ଷେତ୍ରରେ ଗ୍ରୀଷ୍ମ ପ୍ରବାହ ପ୍ରସମନ ବ୍ୟବସ୍ଥା କରିବାକୁ ନିଯୁକ୍ତିଦାତା, ଶିଳ୍ପ ସଂସ୍ଥା ଏବଂ ନିର୍ମାଣ କମ୍ପାନୀ ଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରିବାକୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକୁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମାଣ୍ଡବ୍ୟ କହିଛନ୍ତି । କାର୍ଯ୍ୟ

କ୍ଷେତ୍ରରେ ପର୍ଯ୍ୟାପ୍ତ ପାନୀୟଜଳ ଉପଲବ୍ଧତା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ  ଗୁରୁତ୍ୱ ପ୍ରଦାନ କରାଯାଇଛି । ଇ.ଏସ୍.ଆଇ.ସି. ଅଧୀନରେ ଥିବା ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡକ୍ଟର ମାଣ୍ଡବ୍ୟ ସୂଚନା ଦେଇଛନ୍ତି ।

## କିରଣ ରିଜିଜୁ-ୱାକଫ୍

କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ୱାକଫ୍ ସଂଶୋଧନ ନିୟମ ୨୦୨୫ର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଗରିବ ମୁସଲମାନ ଲୋକମାନେ ଏଥିରୁ ଉପକୃତ ହେବା ସହ ୱାକଫ୍ ସମ୍ପତ୍ତିର ଅପବ୍ୟବହାରକୁ ରୋକିବା । ୱାକଫ୍ ପୁନର୍ଗଠନ ଏବଂ ସାଧାରଣ ଜନତା ସଚେତନ କାର୍ଯ୍ୟକ୍ରମ ସମ୍ପର୍କରେ ମୁମ୍ବାଇ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରିଜିଜୁ ଏହା କହିଛନ୍ତି । ସେ କହିଛନ୍ତି, ଭାରତ ପରି ଏକ ବିଶାଳ ଦେଶରେ ପ୍ରତ୍ୟେକ ଇଞ୍ଚ ଜମି ଠିକ୍ ରୂପେ ବ୍ୟବହୃତ ହେବା ଉଚିତ୍ । ଏହି ନିୟମ ପରେ ୱାକଫ୍ ବୋର୍ଡ୍ କୌଣସି ଜମିକୁ ଇଚ୍ଛାମୁତାବକ ବ୍ୟବହାର କରିପାରିବେ ନାହିଁ ।

**V/O**

## ହାଇଦ୍ରାବାଦ୍‌-ଜିତେନ୍ଦ୍ର ସିଂହ

ପରମାଣୁ ଉଦ୍ୟୋଗ କ୍ଷେତ୍ରରେ ପ୍ରବେଶ ପାଇଁ ଚଳିତ ବର୍ଷ ଦେଶର ଘରୋଇ ଷ୍ଟାର୍ଟଅପ୍‌ ଗୁଡ଼ିକୁ ଅନୁମତି ପ୍ରଦାନ କରାଯିବ ବୋଲି ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଏହା ଫଳରେ ସାଧାରଣ ଜନତା ଗବେଷଣାର ସୁଫଳ ପାଇପାରିବେ ବୋଲି ଡକ୍ଟର ସିଂହ କହିଛନ୍ତି । ବୈଜ୍ଞାନିକ ତଥା ଔଦ୍ୟୋଗିକ ପରିଷଦ ପକ୍ଷରୁ ହାଇଦ୍ରାବାଦ୍‌ ଠାରେ ଆଜି ଆୟୋଜିତ ଷ୍ଟାର୍ଟଅପ୍‌ ସମ୍ମିଳନୀରେ ଡକ୍ଟର ସିଂହ କହିଛନ୍ତି, ଦେଶର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଘରୋଇ ଉଦ୍ୟୋଗ ଗୁଡ଼ିକୁ ଏଥିପାଇଁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି ।

## ଖଦି ଓ ଗ୍ରାମଦ୍ୟୋଗ

ଦେଶରେ ଖଦି ଓ ଗ୍ରାମଦ୍ୟୋଗ କ୍ଷେତ୍ର ଗତ ଆର୍ଥିକ ବର୍ଷରେ ଉତ୍ପାଦନ, ବିକ୍ରୟ ଓ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏକ ନୂତନ ରେକର୍ଡ ସ୍ଥାପନ କରିଛି ବୋଲି ଖଦି ଓ ଗ୍ରାମଦ୍ୟୋଗ ଆୟୋଗ ଅଧ୍ୟକ୍ଷ ମନୋଜ କୁମାର କହିଛନ୍ତି । ନୂଆଦିଲ୍ଲୀ ଠାରେ  ଗତ ଆର୍ଥିକ ବର୍ଷ ପାଇଁ ବିଭାଗୀୟ ତଥ୍ୟ ଜାରି କରିବା ଅବସରରେ ଶ୍ରୀ କୁମାର ଏହି ସୂଚନା ଦେଇଛନ୍ତି । ସେ କିହଛନ୍ତି, ଏକ ଭାରତ ଶ୍ରେଷ୍ଠ ଭାରତ ଉଦ୍ୟୋଗ କ୍ଷେତ୍ରରେ ଏକ ପ୍ରତିକ ପାଲଟିଛି । ଗତ ୧୧ ବର୍ଷ ମଧ୍ୟରେ ଖଦି ଓ ଗ୍ରାମଦ୍ୟୋଗ କ୍ଷେତ୍ରରେ

ଉତ୍ପାଦନରେ ୩୪୭ ପ୍ରତିଶତ, ବିକ୍ରୟରେ ୪୪୭ ପ୍ରତିଶତ ଏବଂ ନିଯୁକ୍ତି ସୃଷ୍ଟିରେ ୪୯ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗ୍ରାମବାସୀଙ୍କ ଜୀବନରେ ଆଶାର ନୂତନ ଆଲୋକ ଆଣିଛି ବୋଲି ସେ କହିଛନ୍ତି ।

## ପୋପ୍ ଫ୍ରାନ୍‌ସିସ୍

ପରଲୋକଗତ ପୋପ୍ ଫ୍ରାନ୍‌ସିସ୍‌ଙ୍କ ଆସନ୍ତା ଶନିବାର ଦିନ ଅନ୍ତିମ ସଂସ୍କାର କରାଯିବ । ଭାଟିକାନ୍ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ରୋମ୍‌ର ସେଣ୍ଟ୍ ମେରି ମେଜର୍‌ର ବାସିଲିକା ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହେବ । ଏଥିରେ ବିଶ୍ୱର ବହୁ ନେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପୋପ୍ ଫ୍ରାନ୍‌ସିସ୍‌ଙ୍କ ପାର୍ଥୀବ ଶରୀରକୁ ବର୍ତ୍ତମାନ ଶାନ୍ତା ମାର୍ଟା ବାସଭବନରେ ଏକ କଫିନ୍‌ରେ ରଖାଯାଇଛି । ସେହି ବାସଭବନରେ ପୋପ୍ ଫ୍ରାନ୍‌ସିସ୍ ୧୨ବର୍ଷ ଧରି ଅବସ୍ଥାନ କରୁଥିଲେ । ଭାଟିକାନ ସିଟିର ସେଣ୍ଟ ପିଟର୍ସ୍ ବାସିଲିକାକୁ ପୋପ୍‌ଙ୍କ ପାର୍ଥୀବ ଶରୀରକୁ ଆସନ୍ତାକାଲି ସର୍ବସାଧାରଣ ଦର୍ଶନ ପାଇଁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

ସୂଚନା ଯୋଗ୍ୟ ପୋପ୍ ଫ୍ରାନ୍‌ସିସ୍ ଗତକାଲି ୮୮ ବର୍ଷ ବୟସରେ ରୋମ୍‌ର ଭାଟିକାନ୍ ସିଟି ସ୍ଥିତ ତାଙ୍କ ବାସଭବନରେ ପରଲୋକଗମନ କରିଛନ୍ତି । ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ପ୍ରଦାନ ସ୍ୱରୂପ ଭାରତରେ ତିନି ଦିନିଆ

ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି । ଆଜି ଏବଂ ଆସନ୍ତାକାଲି ଦୁଇ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବା ବେଳେ ଅନ୍ତିମ ସଂସ୍କାର ଅର୍ଥାତ୍ ଶନିବାର ଦିନ ରାଷ୍ଟ୍ରୀୟ ଶୋକ ପାଳନ କରାଯିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୩୯ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଛି ।